## ସଂକ୍ଷେପରେ

### ଲିଙ୍ଗଗତ ହିଂସା ନିରୋଧୀ କର୍ମଶାଳା



**ଢେଙ୍କାନାଳ ଅଫିସ, ୨୬।୯:** ଢେଙ୍କାନାଳ ଜିଲା ଯୋରନ୍ଦାସ୍ଥିତ ମହିମା ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ଚାଲିଥିବା ୨ଦିନିଆ ଲିଙ୍ଗଗତ ହିଂସା ନିରୋଧୀ କର୍ମଶାଳା ଶନିବାର ଉଦ୍‌ଯାପିତ ହୋଇଛି। କନ୍ଧମାଳ ଜିଲାର ସ୍ୱେଚ୍ଛାସେବୀ ସଂସ୍ଥା 'ଶ୍ୱାତୀ' ଏବଂ ହାଇଦ୍ରାବାଦ୍‌ସ୍ଥିତ 'ୟୁଏସ୍ କନସଲଟିଂ ଜେନେରାଲ'ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହିଳାଙ୍କ ସାମାଜିକ, ଅର୍ଥନୈତିକ, ରାଜନୈତିକ ଓ ସାଂସ୍କୃତିକ ସମସ୍ୟାର ସମାଧାନ ଉପରେ ଆଲୋଚନା କରାଯାଇଥିଲା। ମହିଳା-ପୁରୁଷଙ୍କ ମଧ୍ୟରେ ରହିଥିବା ଭେଦଭାବ ଦୂର ନ ହେଲେ ପରପିଢ଼ି ସମସ୍ୟା ଭୋଗିବେ। ଘରୋଇ ହିଂସା ବିରୋଧରେ ସ୍ୱର ଉତ୍ତୋଳନ କଲେ ଏହାକୁ ରୋକାଯାଇପାରିବ ବୋଲି ମତପ୍ରକାଶ ପାଇଥିଲା। କଲେଜ ଅଧକ୍ଷ ଡ. ସଦାନନ୍ଦ ମିଶ୍ର, ପ୍ରାଧାପକ ଡ.ରତ୍ନାକର ଦାଶ, ପ୍ରାଧାପିକା ସଂଯୁକ୍ତା ଜେନା, ପ୍ରାଧାପକ ପ୍ରହ୍ଲାଦ ସ୍ୱାଇଁ, ଡ. ଶକୁନ୍ତଳା ଭୂୟାଁ, ଅଧାପକ ପ୍ରଜେଶ କୁମାର ଜେନା, ରିସୋର୍ସ ପରସନ ଶିଶିର ଶତପଥୀ, ସୁଜାତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଦିବସରେ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

### ପରମାନନ୍ଦ ସଭାପତି, ପ୍ରଫୁଲ୍ଲ ସମ୍ପାଦକ

**ଢେଙ୍କାନାଳ ଅଫିସ,୨୬।୯:** ଓଡ଼ିଶା ପୋଲିସ ହାବିଲଦାର ଓ କନଷ୍ଟେବଳ ଅସୋସିଏଶନ ଢେଙ୍କାନାଳ ଶାଖାର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଶନିବାର ଭୋଟ ଗଣତି ପରେ ଫଳାଫଳ ଘୋଷିତ ହୋଇଛି। ପରମାନନ୍ଦ ମିଶ୍ର ସଭାପତି, ରଞ୍ଜନ କୁମାର ବିଶ୍ୱାଳ ଉପସଭାପତି, ପ୍ରଫୁଲ୍ଲ କୁମାର ବେହେରା ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି କୋଷାଧକ୍ଷ ଭାବେ ଶ୍ରୀକାନ୍ତ ଦଳେଇ, ଯୁଗ୍ମ ସମ୍ପାଦକ ଅନିଲ କୁମାର ବେହେରା ଏବଂ ସନ୍ଦୀପ ସେଠୀ ନିର୍ବାଚିତ ହୋଇଛନ୍ତି। ସିପ୍ରାରାଣୀ ରାଉତ, ପ୍ରକାଶ ଚନ୍ଦ୍ର ସିଂ, ସୁର ଦେହୁରୀ, ଜିତେନ୍ଦ୍ର ରାଉତ, ବିଭୁଦାନନ୍ଦ ଭୋଇ କାର୍ଯ୍ୟକାରୀ ସଦସ୍ୟ ଭାବେ ନିର୍ବାଚିତ ହୋଇଥିବା ଜିଲା ପୋଲିସ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

### ୫ ଆକ୍ରାନ୍ତ ଚିହ୍ନଟ

**ଢେଙ୍କାନାଳ ଅଫିସ, ୨୬।୯:** ଢେଙ୍କାନାଳ ଜିଲାରୁ ରବିବାର ୫ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ତନ୍ମଧ୍ୟରେ ଭୁବନ ଏନ୍‌ଏସିର ୨, ହିନ୍ଦୋଳର ୧, କଙ୍କଡ଼ାହାଡ଼ର ୧ ଏବଂ ସଦର ବ୍ଲକର ଜଣେ ଅଛନ୍ତି। ଜିଲାରେ ଏବେ ମାତ୍ର ୫୨ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ଅଛନ୍ତି। ସଂକ୍ରମଣରେ ୨୪୨ ଜଣଙ୍କ ମୃତ୍ୟୁ ଘଟିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଶିରୀ ହରାଇଛି ଶିକ୍ଷାନୁଷ୍ଠାନ

**ଖଙ୍କିରା ସରକାରୀ ହାଇସ୍କୁଲ**
- ଖାଲିପଡ଼ିଛି ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀ
- ଭିତ୍ତିଭୂମି ଅଭାବରେ ଶିକ୍ଷା ପ୍ରଭାବିତ
- ପରିତ୍ୟକ୍ତ ଅବସ୍ଥାରେ ଖେଳପଡ଼ିଆ




**ଗଁଦିଆ, ୨୬।୯**

ସମୃଦ୍ଧ ହେବ ଶିକ୍ଷାବ୍ୟବସ୍ଥା। ଭୟମୁକ୍ତ ବାତାବରଣ ମଧ୍ୟରେ ପଢ଼ିବେ ପିଲାଏ। କ୍ୟାମ୍ପସରେ ଉପଲବ୍ଧ ହେବ ଅତ୍ୟାଧୁନିକ ଲାବୋରେଟୋରି, ଲାଇବ୍ରେରି, କମ୍ପ୍ୟୁଟର ଶିକ୍ଷା। ଦକ୍ଷ କ୍ରୀଡ଼ାବିତ୍ ସୃଷ୍ଟି କରିବା ଲାଗି କ୍ରୀଡ଼ା ଉପକରଣଠାରୁ ଆରମ୍ଭ କରି ବ୍ୟବସ୍ଥିତ କରାଯିବ ଖେଳପଡ଼ିଆ। ବିଦ୍ୟାଳୟ ଶିକ୍ଷା ପ୍ରତି ଆକୃଷ୍ଟ କରିବାକୁ ଏଭଳି କିଛି ସ୍ୱପ୍ନ ଦେଖାଉଛନ୍ତି ସରକାର। ଶ୍ରେଣୀଗୃହ ନିର୍ମାଣ ସହ ଅନ୍ୟାନ୍ୟ ଆନୁଷଙ୍ଗିକ ଭିତ୍ତିଭୂମି ବିକାଶରେ ଖର୍ଚ୍ଚ କରାଯାଉଛି ଲକ୍ଷାଧିକ ଟଙ୍କା। ହେଲେ ଗ୍ରାମାଞ୍ଚଳର ଶିକ୍ଷାର୍ଥୀଙ୍କ ଆଶା କୁହାଯାଉଥିବା ଉଚ୍ଚ ବିଦ୍ୟାଳୟଗୁଡ଼ିକୁ ଦେଖିଲେ ସରକାରଙ୍କ ପ୍ରତିଶ୍ରୁତି ପାଣିର ଗାର ଭଳି ମନେହୁଏ। ଢେଙ୍କାନାଳ ଜିଲା ଗଁଦିଆ ବ୍ଲକର ବହୁ ପୁରାତନ ଖଙ୍କିରା ଉଚ୍ଚ ବିଦ୍ୟାଳୟ ତନ୍ମଧ୍ୟରୁ ଗୋଟିଏ। ପରିଚାଳନା ଏବଂ ଶିକ୍ଷାବିଭାଗ ଅଧିକାରୀଙ୍କ ଅବହେଳାରୁ ୪୯ ବର୍ଷର ଏହି ଶିକ୍ଷାନୁଷ୍ଠାନ ଏବେ ଶିରୀ ହରାଇଛି।

ଆଦିବାସୀ ଅଧ୍ୟୁଷିତ ଗଁଦିଆ ବ୍ଲକର ଛାତ୍ରୀଛାତ୍ରଙ୍କ ଉଚ୍ଚ ଶିକ୍ଷାର ଆଶା ପୂରଣ କରିବାକୁ ୧୯୭୨ରେ ପ୍ରତିଷ୍ଠା ହୋଇଥିଲା ଖଙ୍କିରା ଉଚ୍ଚ ବିଦ୍ୟାଳୟ। ଭିନ୍ନ ଶିକ୍ଷାଦାନ ଶୈଳୀ ଏବଂ ଭଲ ରେଜଲ୍ଟ ପାଇଁ ଏକଦା ଏହି ଶିକ୍ଷାନୁଷ୍ଠାନ ଜିଲାରେ ଅର୍ଜିଥିଲା ସୁନାମ। ଏଠାରେ ପଢ଼ି ବହୁ ଛାତ୍ରୀଛାତ୍ର ପ୍ରଶାସନିକ ବିଭାଗରେ ଉଚ୍ଚ ପଦବୀରେ ଚାକିରି କରିଛନ୍ତି। ହେଲେ ସମୟ ସ୍ରୋତରେ ଏହି ହାଇସ୍କୁଲ ଅବହେଳାର ଶିକାର ହୋଇଛି। ଭିତ୍ତିଭୂମିର ଅଭାବରେ ଶିକ୍ଷାଦାନ ପ୍ରଭାବିତ ହେଉଥିବାବେଳେ ଭବିଷ୍ୟତ ଚିନ୍ତାରେ ପଡ଼ିଛନ୍ତି ଛାତ୍ରୀଛାତ୍ର ଏବଂ ସେମାନଙ୍କ ଅଭିଭାବକ।

ବିଦ୍ୟାଳୟରେ ଏବେ ଷଷ୍ଠରୁ ଦଶମ ଶ୍ରେଣୀ ଯାଏ ୩୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। କରୋନା ମହାମାରୀ ସମୟରେ ନବମ ଏବଂ ଦଶମ ଶ୍ରେଣୀର ପିଲାଙ୍କୁ ଅଫ୍‌ଲାଇନ୍ ଶିକ୍ଷା ପ୍ରଦାନ କରାଯାଉଥିବାବେଳେ ଟିଜିଟି କଳା ଶିକ୍ଷକ, କ୍ଲାସିକାଲ ହିନ୍ଦୀ ଶିକ୍ଷକ, କ୍ରୀଡ଼ା ଶିକ୍ଷକ, କିରାଣି ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲିପଡ଼ିଛି। ଏକା ସଙ୍ଗରେ ବସି ପଢ଼ିବା ପାଇଁ ଆବଶ୍ୟକ ଶ୍ରେଣୀଗୃହର ଅଭାବ ରହିଛି। ବିଜ୍ଞାନ ଲବରେଟୋରି, ସାଇକେଲ ଷ୍ଟାଣ୍ଡ, ମିଟିଂ ହଲ, ଶିକ୍ଷକ ଓ କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ପାଇଖାନା ନାହିଁ। ସ୍କୁଲର ମୁଖ୍ୟଫାଟକ ନିର୍ମାଣ ଲାଗି ବାରମ୍ବାର ଦାବି ହେଉଥିଲେ ହେଁ ତାହା ହେଉନାହିଁ। ପୂର୍ବରୁ ଏଠାରେ ବାର୍ଷିକ ମାଟ୍ରିକ ପରୀକ୍ଷା ଆୟୋଜନ କରାଯାଉଥିଲା। ହେଲେ ଲାଗି ରହିଥିବା ସମସ୍ୟାର ସମାଧାନ ହେଉ ନ ଥିବାରୁ ଜିଲା ଶିକ୍ଷା ବିଭାଗ ମାଟ୍ରିକ ପରୀକ୍ଷା କେନ୍ଦ୍ରକୁ ବାତିଲ କରିଦେଇଛି। ପାଇକା ଯୋଜନା ଅନୁଦାନରେ ଖେଳପଡ଼ିଆ ବିକଶିତ କରାଯାଇଥିଲେ ମଧ୍ୟ ତାହା ଏବେ ପରିତ୍ୟକ୍ତ ଅବସ୍ଥାରେ। ସ୍କୁଲର ହୃତଗୌରବ ଫେରାଇ ଆଣିବାକୁ ଗ୍ରାମବାସୀ ବାରମ୍ବାର ଜିଲା ପ୍ରଶାସନ ଏବଂ ଶିକ୍ଷା ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଅଭିଯୋଗକୁ କେହି ଗୁରୁତ୍ୱ ଦେଉ ନ ଥିବା ସାମାଜିକ କର୍ମୀ ଅଶୋକ ପତି ଅଭିଯୋଗ କରିଛନ୍ତି।

ଏ ସଂକ୍ରାନ୍ତରେ ପ୍ରଧାନ ଶିକ୍ଷୟିତ୍ରୀ ସୁମତୀ ନାୟକ କୁହନ୍ତି, ସ୍କୁଲରେ ଶୀଘ୍ର ଶିକ୍ଷକ ନିଯୁକ୍ତି ହେବାର ଅଛି। ସରକାରଙ୍କ '୫-ଟି' ବ୍ୟବସ୍ଥାରେ ବିଦ୍ୟାଳୟ ଅନ୍ତର୍ଭୁକ୍ତ ହେଇଥିବାରୁ ଅନ୍ୟାନ୍ୟ ସମସ୍ୟା ଦୂର ହେବ। ବିଇଓ ମିନତି ଦେହୁରୀ ସ୍କୁଲରେ ଲାଗି ରହିଥିବା ସମସ୍ୟାକୁ ସ୍ୱୀକାର କରିଛନ୍ତି। ସେ କହିଛନ୍ତି, ଜିଲାରେ ଖାଲି ପଡ଼ିଥିବା ଶିକ୍ଷକ ପଦବୀ ପୂରଣ ହେଲେ ଖଙ୍କିରା ହାଇସ୍କୁଲକୁ ପ୍ରାଥମିକତା ଦିଆଯିବ। ଅନ୍ୟ ସମସ୍ୟାର ସମାଧାନ '୫-ଟି' ମାଧ୍ୟମରେ କରାଯିବ।

### ପିଲାଙ୍କୁ ସ୍କୁଲ ଛାଡ଼ିବୁ ନାହିଁ



"ହାଇସ୍କୁଲର ଛାତ୍ରୀଛାତ୍ର ସଂଖ୍ୟା ବୃଦ୍ଧି ପାଇ ୩୫୦ ଟପିଲାଣି। ସମସ୍ୟା ଚରମସୀମାରେ ପହଞ୍ଚିଛି। ଖାଲି ପଡ଼ିଥିବା ଶିକ୍ଷକ ପଦବୀ ପୂରଣ ନ ହେଲେ ପିଲାଙ୍କୁ ସ୍କୁଲ ଛାଡ଼ିବୁ ନାହିଁ।

**-ଧରଣୀଧର ବିଶ୍ୱାଳ, ଅଭିଭାବକ**

### ଉପାନ୍ତ ଅଞ୍ଚଳ ବୋଲି ଅବହେଳା



"ସହର ହୋଇଥିଲେ ସମସ୍ୟାର ସମାଧାନ ହୋଇସାରନ୍ତାଣି। ଉପାନ୍ତ ଅଞ୍ଚଳରେ ରହିଥିବାରୁ ସ୍କୁଲକୁ ଅବହେଳା କରାଯାଉଛି। ପ୍ରଶାସନ ସମସ୍ୟାକୁ ହୃଦୟଙ୍ଗମ କରୁନାହିଁ।

**-ଅଜୟ କୁମାର ଧୀର, ଅଭିଭାବକ**

### ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ଦେବାଂଶ




ଦେବାଂଶ ପାତ୍ର

**କୃଷ୍ଣପ୍ରସାଦ,୨୬।୯(ଡି.ଏନ୍.ଏ.)**

ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ପାରିକୁଦ ଗଡ଼ର ୨ବର୍ଷ ୭ ମାସର ଦେବାଂଶ ପାତ୍ର ସ୍ଥାନ ପାଇଛନ୍ତି। ସେ ୪୦ଟି ପଶୁଙ୍କ ନାମ, ୪୮ ପକ୍ଷୀ, ୨୨ଯାନବାହନ, ୨୨ ଗାଡ଼ିର ଲୋଗୋ, ୩୫ ବିଶିଷ୍ଟ ବ୍ୟକ୍ତି, ୨୨ ଦେଶ, ୨୩ ଫଳ, ୨୭ ପନିପରିବା, ୨୦ କୀଟପତଙ୍ଗ, ୧୦ ସରୀସୃପ, ୧୬ ବାଦ୍ୟଯନ୍ତ୍ର, ୧୫ ଐତିହାସିକ ପୀଠ, ୨୬ ପ୍ରକାର ଖେଳ, ୧୨ ଜାତୀୟ ସଙ୍କେତ ନାମ, ୧୪ ପର୍ବପର୍ବାଣି, ୨୮ ରାଜ୍ୟର ରାଜଧାନୀର ନାମ କହିବା ସହ ଜାତୀୟ ସଙ୍ଗୀତ ଗାନ କରି ଏହି ସଫଳତା ହାସଲ କରିଛନ୍ତି। ଏହି ସଫଳତା ପରେ ଦେବାଶିଷ ପାତ୍ର ଓ ଦୀପ୍ତିମୟୀଙ୍କ ପୁଅ ଦେବାଂଶଙ୍କ ନିକଟକୁ ଶୁଭେଚ୍ଛାର ବାର୍ତ୍ତା ପହଞ୍ଚିବାରେ ଲାଗିଛି। ୧ବର୍ଷ ପରେ ଦେବାଂଶ ଯାହା ଦେଖୁଥିଲା କିମ୍ବା ଶୁଣୁଥିଲା ତାହା ମନେ ରଖିଦେଉଥିଲା ବୋଲି ତାଙ୍କ ମା' ଦୀପ୍ତିମୟୀ କହିଛନ୍ତି।

# ମିଶନ ଶକ୍ତି ଗୃହ ଲୋକାର୍ପିତ



ମିଶନ ଶକ୍ତି ଗୃହ ଉଦ୍‌ଘାଟନ ଅବସରରେ ବିଧାୟକଙ୍କ ସମେତ ଅନ୍ୟମାନେ।

**ପରଜଙ୍ଗ, ୨୬।୯(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କନ୍ଦରସିଂହା ପଞ୍ଚାୟତରେ ରବିବାର 'ମିଶନ ଶକ୍ତି' ଗୃହ ଏବଂ ମଝିକା ଦଳିତ ସାହିରେ କମ୍ୟୁନିଟି ସେଣ୍ଟର ଲୋକାର୍ପିତ ହୋଇଯାଇଛି। ବିଧାୟକ ଡା. ନୃସିଂହ ଚରଣ ସାହୁ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଅକ୍ଷୟ କୁମାର ବେହେରା ଉପସ୍ଥିତ ଥିଲେ।

କରୋନାର ସମ୍ଭାବ୍ୟ ତୃତୀୟ ଲହରକୁ ହାଲୁକା ଭାବେ ନେବା ଅନୁଚିତ। ଗ୍ରାମବାସୀ ମାସ୍କ ଓ ସାନିଟାଇଜର ବ୍ୟବହାର କରିବା, ନିଜର ସୁରକ୍ଷାକୁ ପ୍ରାଥମିକତା ଦେବା ସହିତ ଅନ୍ୟମାନଙ୍କ ସୁରକ୍ଷା କଥା ଚିନ୍ତା କରିବାକୁ ବିଧାୟକ ଗ୍ରାମବାସୀଙ୍କୁ ନିବେଦନ କରିଥିଲେ। କରୋନା କଟକଣା ମାନି ସରକାରଙ୍କୁ ଯଥାସାଧ୍ୟ ସହଯୋଗ କରିବାକୁ ସେ ପରାମର୍ଶ ଦେଇଛନ୍ତି। ବ୍ଲକ ଉପାଧ୍ୟକ୍ଷା ବିଳାସିନୀ ସେଠୀ, ଯୁବ ବିଜେଡି ସଭାପତି ସୁବ୍ରତ ଦାସଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

### ଦୁର୍ଘଟଣାରେ ୨ ପରୀକ୍ଷାର୍ଥୀଙ୍କ ସମେତ ୩ ମୃତ

**କେନ୍ଦୁଝର,୨୬।୯ (ସ୍ୱ.ପ୍ର.)**

କେନ୍ଦୁଝର ଜିଲାର ପୃଥକ୍ ସ୍ଥାନରେ ରବିବାର ସଡ଼କ ଦୁର୍ଘଟଣା ଘଟି ୨ ପରୀକ୍ଷାର୍ଥୀଙ୍କ ସମେତ ୩ ଜଣଙ୍କ ମୃତ୍ୟୁ ଘଟିଛି। ଟାଉନ ଥାନା ଅଧୀନ ରାମଚନ୍ଦ୍ରପୁର ନିକଟରେ ତେଲ ବୋଝେଇ ଟ୍ୟାଙ୍କର ଏକ ବାଇକ୍‌କୁ ଧକ୍କା ଦେବାରୁ ପ୍ରାଣୀଧନ ନିରୀକ୍ଷକ ପରୀକ୍ଷା ଦେବାକୁ ଆସୁଥିବା ୨ଜଣ ପରୀକ୍ଷାର୍ଥୀଙ୍କ ମୃତ୍ୟୁ ହୋଇଥିଲା। ସେମାନେ ହେଲେ ହରିଚନ୍ଦନପୁର କମଳାଙ୍ଗି ଗ୍ରାମର ସଞ୍ଜୟ କୁମାର ମହାନ୍ତ(୩୨) ଓ ହୃଦାନନ୍ଦ ମହାନ୍ତ(୩୧)। ଏହି ଦୁଇ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ବାଇକ୍‌ରେ ଡିଏନ ହାଇସ୍କୁଲ କେନ୍ଦ୍ରକୁ ଯାଉଥିଲେ। ପାରାଦୀପ ଯାଉଥିବା ଏକ ଟ୍ୟାଙ୍କର ରାମଚନ୍ଦ୍ରପୁର ନିକଟରେ ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ସଞ୍ଜୟ ଓ ଜିଲା ମୁଖ୍ୟ ଚିକିତ୍ସାଳୟରେ ହୃଦାନନ୍ଦଙ୍କ ମୃତ୍ୟୁ ହୋଇଥିଲା। ସେହିପରି ହରିଚନ୍ଦନପୁର ଥାନା ଅନ୍ତର୍ଗତ ତାଳଡିହି ଗ୍ରାମ ନିକଟ ଶରତସାହିଠାରେ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଭୁବନେଶ୍ୱରର ନନ୍ଦ ଗୋପାଳ ପଣ୍ଡା। ଗୁରୁତର ଅବସ୍ଥାରେ କେନ୍ଦୁଝର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ପାସେଞ୍ଜର ଟ୍ରେନ୍ ଚଳାଚଳ ଦାବି




ଧାରଣା ଦେଇଥିବା ଏଏପି କାର୍ଯ୍ୟକର୍ତ୍ତାମାନେ।

**ଢେଙ୍କାନାଳ ଅଫିସ, ୨୬।୯**

ବନ୍ଦ ଥିବା ପାସେଞ୍ଜର ଟ୍ରେନ୍ ଚଳାଚଳ ଦାବି କରି ଢେଙ୍କାନାଳ ରେଳ ଷ୍ଟେଶନରେ ରବିବାର ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପକ୍ଷରୁ ଧାରଣା ଦିଆଯାଇଛି। ପାସେଞ୍ଜର ଟ୍ରେନ୍ ଚଳାଚଳ ସ୍ୱାଭାବିକ କରିବା, କରୋନା ସମୟରେ ବର୍ଦ୍ଧିତ ଯାତ୍ରୀ ଭଡ଼ା ଓ ପ୍ଲାଟଫର୍ମ ଟିକେଟ୍ ମୂଲ୍ୟ କମାଇବା, ନୟାଗଡ଼-ଭୁବନେଶ୍ୱର, କଟକଠାରୁ ଢେଙ୍କାନାଳ, ଅନୁଗୋଳ, ତାଳଚେରକୁ ନୂତନ ପାସେଞ୍ଜର ଟ୍ରେନ୍ ଚଳାଇବା, ପ୍ରତି ଷ୍ଟେଶନରୁ ମାସିକିଆ ଟିକେଟ କରିବା ଆଦି ଦାବିରେ ଏହି ଧାରଣା ଦିଆଯାଇଥିଲା। ଏହି ଅବସରରେ ୪ ଦଫା ସମ୍ବଳିତ ଏକ ଦାବିପତ୍ର କେନ୍ଦ୍ର ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଷ୍ଟେଶନ ମାଷ୍ଟରଙ୍କୁ ପ୍ରଦାନ କରାଯାଇଛି। ଦାବି ପୂରଣ ନ ହେଲେ ଆନ୍ଦୋଳନ ଜୋର୍‌ଦାର କରାଯିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି। ଦଳର ଜିଲା ଆବାହକ ପଙ୍କଜ ନାୟକ, ରାଜୀବ କର, ବିଶ୍ୱନାଥ ମହାପାତ୍ର, ଦେବବ୍ରତ ନାୟକ, ପ୍ରଭାତ ବେହେରା, ଲଳିତ ମୋହନ ବେହେରା, ଜନରଞ୍ଜନ ରାଜେଶ୍ୱର ରାଉତ, ସୁଶାନ୍ତ ପଣ୍ଡା ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ। ଏହି ଅବସରରେ ପ୍ରଚାରପତ୍ର ବଣ୍ଟନ କରାଯାଇଥିଲା।

# ଜିଏମ୍ଆର୍‌କୁ 'ପ୍ରଦୂଷଣ ନିୟନ୍ତ୍ରଣ ଉତ୍କର୍ଷ' ପୁରସ୍କାର




ଜିଏମ୍ଆର୍ ଅଧିକାରୀଙ୍କୁ ପ୍ରଦୂଷଣ ନିୟନ୍ତ୍ରଣ ଉତ୍କର୍ଷ ପୁରସ୍କାର ପ୍ରଦାନ କରାଯାଉଛି।

**ଢେଙ୍କାନାଳ ଅଫିସ, ୨୬।୯**

- ସୁରକ୍ଷିତ ଭାବେ ବର୍ଜ୍ୟ ପରିଚାଳନା
- ବୈଷୟିକ ଜ୍ଞାନ କୌଶଳର ଉପଯୋଗ

ଢେଙ୍କାନାଳ ଜିଲା କମଳାଙ୍ଗସ୍ଥିତ ଜିଏମ୍ଆର କମଳାଙ୍ଗ ଏନର୍ଜି ଲିମିଟେଡକୁ 'ପ୍ରଦୂଷଣ ନିୟନ୍ତ୍ରଣ ଉତ୍କର୍ଷ' ପୁରସ୍କାର ପ୍ରଦାନ କରାଯାଇଛି। ଶିଳ୍ପ କ୍ଷେତ୍ରରେ ପ୍ରଦୂଷଣ ନିୟନ୍ତ୍ରଣ ଓ ପରିଚାଳନା ଦିଗରେ ଉନ୍ନତ ପଦକ୍ଷେପ ପାଇଁ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଏହା ପ୍ରଦାନ କରାଯାଇଛି। ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟ ପରିବେଶ ଓ ଜଙ୍ଗଲ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କଠାରୁ କମ୍ପାନୀର ଅପରେଶନ ଓ ମେଣ୍ଟେନାନ୍ସ ମୁଖ୍ୟ ମନୋଜ ମିଶ୍ର ଏହି ପୁରସ୍କାର ଗ୍ରହଣ କରିଥିଲେ। ପରିବେଶ ପରିଚାଳନା ଓ ପ୍ରଦୂଷଣ ନିୟନ୍ତ୍ରଣ କ୍ଷେତ୍ରରେ ଜିଏମ୍ଆର୍ କମ୍ପାନୀ ବହୁବିଧ ପଦକ୍ଷେପ ହାତକୁ ନେଇଛି। ଶକ୍ତି ସଂରକ୍ଷଣ, ବନୀକରଣ, ପାଉଁଶ ଉପଯୋଗ ଓ ତରଳ ପଦାର୍ଥ ନିର୍ବାହ କାର୍ଯ୍ୟରେ ବୈଷୟିକ ଜ୍ଞାନ କୌଶଳର ଉପଯୋଗ କରାଯାଇଛି। ଫଳରେ ସୁରକ୍ଷିତ ଭାବେ ବର୍ଜ୍ୟ ପରିଚାଳନା ହୋଇପାରୁଛି। ଏସବୁ କାର୍ଯ୍ୟ ଲାଗି ପୁରସ୍କାର ଚୟନ କମିଟି କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି। କମ୍ପାନୀ ସିଓଓ ରମେଶ ଆର୍. ପାଇ ଏଥିଲାଗି ସମସ୍ତ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏଭଳି ପୁରସ୍କାର ପ୍ରଦୂଷଣ ନିୟନ୍ତ୍ରଣ ଓ ପରିବେଶ ପରିଚାଳନା କ୍ଷେତ୍ରରେ କାର୍ଯ୍ୟ କରିବା ଲାଗି ପ୍ରେରଣା ଯୋଗାଇବ। ଆଗାମୀ ଦିନରେ କମ୍ପାନୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବିକାଶମୂଳକ କାର୍ଯ୍ୟକ୍ରମ, ବନୀକରଣ ଭଳି ବହୁମୁଖୀ କାର୍ଯ୍ୟକ୍ରମ ଜାରି ରହିବ ବୋଲି ସିଓଓ ରମେଶ ଆର୍. ପାଇ ସୂଚନା ଦେଇଛନ୍ତି।

# ଯୋଜନା କରି ମାରିଦେଲେ ସହଯୋଗୀ

- ସମିତି ସଭ୍ୟ ଦୀପକ ମାହୁନ୍ତ ହତ୍ୟାକାଣ୍ଡ
- କାର୍‌ରେ ଆସି କରିଥିଲେ ଆଖିବୁଜା ଗୁଳିମାଡ଼
- ୩୫ ଲକ୍ଷ ଟଙ୍କା ବିବାଦରୁ ନିର୍ମମ ହତ୍ୟା
- ୪ ଅଭିଯୁକ୍ତ ଗିରଫ, ୨ ଦେଶୀ ବନ୍ଧୁକ ଜବତ

**ଢେଙ୍କାନାଳ ଅଫିସ, ୨୬।୯**

ଯାହା ଅନୁମାନ କରାଯାଉଥିଲା ତାହା ସତ୍ୟ ପ୍ରମାଣିତ ହୋଇଛି। ଢେଙ୍କାନାଳ ଜିଲା ତୁମୁସିଙ୍ଗା ଥାନା କାମାକ୍ଷାନଗର ବ୍ଲକ ବାରୁଆଁ (କା) ପଞ୍ଚାୟତର ସମିତିସଭ୍ୟ ଦୀପକ ମାହୁନ୍ତ ହତ୍ୟାକାଣ୍ଡ ପଛର ପ୍ରମୁଖ କାରଣ ବ୍ୟବସାୟିକ ଶତ୍ରୁତା ବୋଲି ସ୍ପଷ୍ଟ ହୋଇଛି। ୩୫ ଲକ୍ଷ ଟଙ୍କାକୁ ନେଇ ଲାଗି ରହିଥିବା ବିବାଦ କାରଣରୁ ସହଯୋଗୀମାନେ ହିଁ ଦୀପକଙ୍କୁ ଅତି ନୃଶଂସ ଭାବେ ଗୁଳି କରି ହତ୍ୟା କରିଛନ୍ତି। ରବିବାର ଅପରାହ୍ନରେ ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି କେ. ଶିବା ସୁବ୍ରମଣି ଏହି ସୂଚନା ଦେଇଛନ୍ତି। ଏହି ଘଟଣାରେ ତୁମୁସିଙ୍ଗା ପୋଲିସ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କନ୍ତିଓପୁଟସାହି ଗ୍ରାମର ନୀର ସାହୁ (୩୭), କନ୍ତିଓକାଟେଣୀ ଗ୍ରାମର ପ୍ରକାଶ ସାହୁ ଓରଫ୍ ପ୍ରକାଶ (୩୧), କଟକ ଜିଲା ଗୁରୁଡ଼ିଝାଟିଆ ଥାନା ଦମ୍ପତିପୁର ଗ୍ରାମର ଡିସୁ ଛତର (୨୭) ଏବଂ ଗାର୍ଗୀ ବରଦା (୨୭)। ଅଭିଯୁକ୍ତଙ୍କ ନିକଟରୁ ୨ ଦେଶୀ ବନ୍ଧୁକ ଏବଂ ହତ୍ୟାକାଣ୍ଡରେ ବ୍ୟବହୃତ କାର୍ (ନଂ. ଓଡ଼ି ୦୨ ବିଡ଼ି ୦୪୯୩) ଜବତ ହୋଇଛି। ଅଭିଯୁକ୍ତମାନେ ଯୋଜନାବଦ୍ଧ ଭାବେ କାର୍‌ରେ ଆସି ଏକ ଡବଲ ବୋର ଏବଂ ସିଙ୍ଗଲ ବୋର୍ ବନ୍ଧୁକରୁ ଆଖିବୁଜା ଗୁଳି ଚାଳନା କରିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ଦୀପକ ଟଳିପଡ଼ିଥିଲେ।



ଗିରଫ ଅଭିଯୁକ୍ତ, ଜବତ କାର।

ହତ୍ୟାକାଣ୍ଡର ପ୍ରଚ୍ଛଦପଟ ସମ୍ପର୍କରେ ସୂଚନା ଦେଇ ଏସ୍‌ପି କହିଛନ୍ତି, ସମିତିସଭ୍ୟ ଦୀପକଙ୍କ ପଥର ଖାଦାନ ଓ ବାଲିଘାଟ ବ୍ୟବସାୟ ଥିଲା। ଦୀପକଙ୍କ ସହ ଅଭିଯୁକ୍ତ ନୀର ଏବଂ ପ୍ରକାଶ ସହଭାଗୀରେ ବ୍ୟବସାୟ କରୁଥିଲେ। ତେବେ ୩୫ ଲକ୍ଷ ଟଙ୍କାକୁ ନେଇ ସେମାନଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ଏହାକୁ ନେଇ ଅଭିଯୁକ୍ତମାନେ ଦୀପକଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ। ଘଟଣାଦିନ ଅର୍ଥାତ୍ ୨୪ ତାରିଖ ରାତିରେ ଦୀପକ କାର୍‌ରେ ଭୁବନେଶ୍ୱରରୁ ଗ୍ରାମକୁ ଫେରୁଥିବାବେଳେ ଅଭିଯୁକ୍ତମାନେ ଟଙ୍କା ଏବଂ କେ-ଫର୍ମ ଦେବା ପାଇଁ ଫୋନ୍ କରିଥିଲେ। ଢେଙ୍କାନାଳ-କାମାକ୍ଷାନଗର ରାସ୍ତାର ଜାମୁଝରା ଛକରେ ଦୀପକ ଗାଡ଼ି ରଖି ଅପେକ୍ଷା କରିଥିଲେ। ଅନ୍ୟ ଏକ କାର୍‌ରେ ସମ୍ପୃକ୍ତ ୪ ଅଭିଯୁକ୍ତ ପହଞ୍ଚିଥିଲେ। ସେମାନଙ୍କ ମଧ୍ୟରୁ ଜଣେ କାରରୁ ଓହ୍ଲାଇ ଦୀପକଙ୍କ ଗାଡି ନିକଟକୁ ଯାଇ କେ-ଫର୍ମ ପ୍ରଦାନ କରିଥିଲେ। ଏହି ସମୟରେ ଅନ୍ୟମାନେ ଗାଡ଼ିରୁ ଓହ୍ଲାଇ ଅତର୍କିତ ଗୁଳିମାଡ଼ କରିଥିଲେ। ଦୀପକ ଟଳିପଡ଼ିବା ପରେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ୨୫ ତାରିଖ ସକାଳେ ପରିବାର ଲୋକଙ୍କ ସହାୟତାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଅଭିଯୁକ୍ତମାନେ ଡାକ୍ତରଖାନାରେ ଉପସ୍ଥିତ ରହି କିଛି ନ ଜାଣିବାର ବାହାନା କରୁଥିଲେ। କୌଣସି ସୂତ୍ରରୁ ସୂଚନା ପାଇ ତୁମୁସିଙ୍ଗା ପୋଲିସ ପହଞ୍ଚି ୬ ଜଣଙ୍କୁ ଉଠାଇ ନେଇଥିଲା। ପଚରାଉଚୁରା ପରେ ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ନୀର ସାହୁ, ପ୍ରକାଶ ସାହୁ ଦୋଷ ସ୍ୱୀକାର କରିଥିଲେ। ଦୀପକଙ୍କୁ ହତ୍ୟା କରିବାକୁ ଉଭୟେ ନିଜର ଷ୍ଟୋନ୍ କ୍ରଶର କର୍ମଚାରୀ ଡିସୁ ଏବଂ ଗାର୍ଗୀଙ୍କ ସହାୟତା ନେଇଥିଲେ। ସେମାନେ ହିଁ ବନ୍ଧୁକରୁ ଗୁଳିମାଡ଼ କରିଥିବା ଜଣାପଡ଼ିଛି। ଦୁଇ ସୁଟରଙ୍କୁ ଅଫିସ୍ କାର୍ଯ୍ୟାଳୟରୁ ପୋଲିସ ଗିରଫ କରିଥିଲା। ହତ୍ୟାକାଣ୍ଡରେ ବ୍ୟବହୃତ ବନ୍ଧୁକକୁ ଖଟୁଆହତା ନିକଟ ଜଙ୍ଗଲରୁ ଜବତ କରାଯାଇଛି। ଆବଶ୍ୟକ ପଡ଼ିଲେ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ପଚରାଉଚୁରା କରାଯିବ ବୋଲି ଏସ୍‌ପି କହିଛନ୍ତି।

ଏ ସଂକ୍ରାନ୍ତରେ ତୁମୁସିଙ୍ଗା ଥାନାରେ ନଂ. ୧୩୧/୨୧, ଦଫା ୩୦୨, ୧୨୦(ବି), ୨୫ ଓ ୨୭ ଆର୍ମସ ଆକ୍ଟରେ ମାମଲା ରୁଜୁ ହୋଇଛି। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଗଣେଶ ପ୍ରଧାନ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ନାଳରୁ ଛୁଆ ହାତୀ ଉଦ୍ଧାର



**ବଇଣ୍ଡା,୨୬।୯(ଡି.ଏନ.ଏ.):** କିଶୋରନଗର ବ୍ଲକ ରଣିଆକଟା ପଞ୍ଚାୟତ କୁମୁରସିଙ୍ଗାଠାରେ ଥିବା ନାଳରୁ ରବିବାର ମାଧପୁର ବନବିଭାଗ ଏକ ଛୁଆ ହାତୀ ଉଦ୍ଧାର କରିଛି। ଶନିବାର ରାତିରେ ହାତୀପଲ ଏହି ନାଳ ଦେଇ ବରପଦର ଅଭିମୁଖେ ଯାଉଥିବାବେଳେ ଛୁଆ ହାତୀଟି ବାଟବଣା ହୋଇଯାଇଥିଲା। ପରେ ଛୁଆହାତୀ ମାନଯୋର ନିକଟରେ ଥିବା କୁମୁରସିଙ୍ଗା ନାଳକୁ ପଳାଇ ଯାଇଥିଲା। ରାତିରେ ଉକ୍ତ ହାତୀ ନାଳରେ ଥିବା ସ୍ଥାନୀୟ ଗ୍ରାମବାସୀ ଜାଣି ରବିବାର ସକାଳେ ବନବିଭାଗକୁ ସୂଚନା ଦେଇଥିଲେ। ଖବରପାଇ ଆଠମଲ୍ଲିକ ଡିଏଫଓ ଏସ୍. ଆନନ୍ଦ, ମାଧପୁର ରେଞ୍ଜର ସନ୍ତୋଷ କୁମାର ଭୋଇଙ୍କ ସମେତ ବନବିଭାଗ କର୍ମଚାରୀମାନେ ପହଞ୍ଚି ଛୁଆହାତୀକୁ ଉଦ୍ଧାର କରିଥିଲେ। ଏହାପରେ ନିକଟସ୍ଥ ଜଙ୍ଗଲରେ ଥିବା ହାତୀ ପଲ ନିକଟରେ ଛାଡିଦେଇଥିଲେ।

### ଚୋରି ଅଭିଯୋଗରେ ୩ ଅଟକ

**ଛେଣ୍ଡିପଦା,୨୬।୯(ସ୍ୱ.ପ୍ର.):** ଚୋରି ଅଭିଯୋଗରେ ୩ ଜଣଙ୍କୁ ଧରି ପୋଲିସ ଜିମା ଦେଇଛନ୍ତି ଛେଣ୍ଡିପଦା ଥାନା କୁକୁରପେଟା ଫୁଲଝରୀବାସୀ। ସୂଚନା ଅନୁଯାୟୀ, କୁକୁରପେଟା ଫୁଲଝରି ଛକଠାରେ ଥିବା ୨ଟି ଦୋକାନରୁ ଚୋରି ଉଦ୍ୟମ ହୋଇଥିଲା। ଏକ ବାଇକରେ ଆସିଥିବା ୩ ଜଣ ଚୋରି କରୁଥିବା ସମୟରେ ସ୍ଥାନୀୟ ଲୋକଙ୍କ ହାତରେ ଧରା ପଡିଥିଲେ। ଲୋକମାନେ ସେମାନଙ୍କୁ ଏକ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ମାଡ଼ ମାରିଥିଲେ। ପରେ ଛେଣ୍ଡିପଦା ପୋଲିସକୁ ସୂଚନା ଦେଇଥିଲେ। ଖବରପାଇ ପୋଲିସ ପହଞ୍ଚି ୩ ଜଣଙ୍କୁ ଥାନାକୁ ନେବା ସହ ଘଟଣାର ତଦନ୍ତ ଜାରି ରଖିଛି। ଏ ସଂକ୍ରାନ୍ତରେ ନଂ. ୪୫୪/୨୧ରେ ଏକ ମାମଲା ରୁଜୁ ହୋଇଛି।

### ଭାରତ ବନ୍ଦ ସଫଳ ପାଇଁ ଶୋଭାଯାତ୍ରା

**ଅନୁଗୋଳ ଅଫିସ, ୨୬।୯:** କଳା କୃଷି ଆଇନ ସମେତ ବିଦ୍ୟୁତ୍ ସଂଶୋଧନ ଆଇନ ୨୦୨୧କୁ ବାତିଲ କରିବା ଏବଂ ଉତ୍ପାଦିତ କୃଷିଜାତ ଦ୍ରବ୍ୟର ଏମ୍ଏସ୍ପିକୁ ଆଇନସିଦ୍ଧ କରିବା ଦାବିରେ ଦୀର୍ଘ ୧୦ମାସ ଧରି ଦିଲ୍ଲୀ ସୀମାରେ ସଂଯୁକ୍ତ କିଷାନ ମୋର୍ଚ୍ଚା ନେତୃତ୍ୱରେ ଆନ୍ଦୋଳନ ଜାରି ରହିଛି। ଏହି ଆନ୍ଦୋଳନକୁ ଜୋରଦାର କରିବା ପାଇଁ ୨୭ ସେପ୍ଟେମ୍ବର ଭାରତ ବନ୍ଦ ଡାକରା ଦିଆଯାଇଛି। ଏହାକୁ ସମର୍ଥନ କରି ଶ୍ରମିକ, କୃଷକ, ଛାତ୍ର, ଯୁବ, ମହିଳା ସଙ୍ଗଠନର କର୍ମକର୍ତ୍ତାମାନେ ମିଳିତ ଭାବେ ରବିବାର ସନ୍ଧ୍ୟାରେ ଅନୁଗୋଳ ସହରରେ ଶୋଭାଯାତ୍ରା କରି ବନ୍ଦକୁ ସଫଳ କରିବାକୁ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି। ଏହି ଶୋଭାଯାତ୍ରାରେ ଶ୍ରମିକ ନେତା ଭିକାରୀ ପ୍ରଧାନ, ଉପେନ୍ଦ୍ର ଶର୍ମା, ବ୍ରଜବନ୍ଧୁ ସାହୁ, ତପନ ମହାନ୍ତି, ବସନ୍ତ ପଟ୍ଟନାୟକ, ବିମ୍ବାଧର ସାମଲ, ପ୍ରସାଦ ନନ୍ଦ, ସୁବାସ ପ୍ରଧାନ, ସଞ୍ଜୟ ସାହୁ, ମନ୍ଦୋଦରୀ ରାଉଳ, ମାନସ ପାଳ, ବିଷ୍ଣୁ ସାହୁ, କୈଳାସ ସାହୁ, ନିରଞ୍ଜନ ନାୟକ, ନାରାୟଣ ନାୟକ, ନିରୁପମା ନାୟକ ପ୍ରମୁଖ ସାମିଲ ଥିଲେ।

### ଦୁର୍ଘଟଣାରେ ଜଣେ ମୃତ

**ଅନୁଗୋଳ ଅଫିସ, ୨୬।୯:** ଅନୁଗୋଳ ଜିଲା ବିକ୍ରମପୁର ଥାନା ମୁଣ୍ଡା ବଜାରରେ ରବିବାର ଅପରାହ୍ନରେ ଦୁର୍ଘଟଣା ଘଟି ତାଳଚେର ଟାଉନ ଅଞ୍ଚଳର ଦେବାନନ୍ଦ ମଲ୍ଲ(୩୨)ଙ୍କ ମୃତ୍ୟୁ ହୋଇଛି। ବ୍ରାହ୍ମଣ ଶାସନର ଅମିତ କୁମାର ବେହେରା ଗୁରୁତର ହୋଇଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ତାଳଚେର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ସୁରକ୍ଷା କର୍ମୀଭାବେ ଦେବାନନ୍ଦ କାର୍ଯ୍ୟ କରୁଥିଲେ। ରବିବାର ଛୁଟି ଦିନ ଥିବାରୁ ଦେବାନନ୍ଦ, ଅମିତ୍ ଓ ସୁନୀଲ କୁମାର ସାହୁ ଏକ ବାଇକ୍‌ରେ ଅନୁଗୋଳ ସହରକୁ ପୋଷାକ କିଣିବାକୁ ଆସିଥିଲେ। ସେମାନେ ଫେରୁଥିବା ବେଳେ ମୁଣ୍ଡା ବଜାର ଠାରେ ସମ୍ମୁଖରୁ ଆସୁଥିବା ଏକ ଗାଡ଼ି ତାଙ୍କ ଆଡ଼କୁ ମାଡ଼ି ଆସିଥିଲା। ଏହି ସମୟରେ ସେମାନେ ପାର୍ଶ୍ୱରେ ଥିବା ଏକ ଗଛରେ ପିଟି ହୋଇଯାଇଥିଲେ। ଘଟଣାସ୍ଥଳରେ ଦେବାନନ୍ଦଙ୍କ ମୃତ୍ୟୁ ହୋଇଥିବାବେଳେ ଅମିତ୍ ଓ ସୁନୀଲଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସୁନୀଲ ସାମାନ୍ୟ ଆହତ ହୋଇଥିବାରୁ ତାଙ୍କୁ ଘରକୁ ପଠାଇ ଦିଆଯାଇଛି।

# ଆକର୍ଷଣ ସାଜିବ ଆସନ୍ତା ଋତୁ

## ଅନୁଗୋଳକୁ ପର୍ଯ୍ୟଟନର ହବ୍ କରିବାକୁ ପ୍ରଶାସନର ଯୋଜନା | ସାତକୋଶିଆରେ ସଫାରି ବ୍ୟବସ୍ଥା, ସର୍ଭେ ପାଇଁ ଆସୁଛି ଟିମ୍ | ଲାଗୁ ହେବ ହୋମ୍ ଷ୍ଟେ, ଆଗ୍ରୋ ଇକୋ ଟୁରିଜମ୍

**ଅମିତ କୁମାର ସାମଲ**
**ଅନୁଗୋଳ ଅଫିସ, ୨୬।୯**




ଖଣିଜରେ ଭରପୂର ଅନୁଗୋଳ ପ୍ରାକୃତିକ ସୌନ୍ଦର୍ଯ୍ୟରେ ମଧ୍ୟ ସମୃଦ୍ଧ। ସାତକୋଶିଆର ସବୁଜିମା ହେଉ କି ଟିକରପଡ଼ାର ମହାନଦୀ ଗଣ୍ଡ ଅବା ପାଲଲହଡ଼ାର ସାନଚିଲିକା, ପର୍ଯ୍ୟଟକଙ୍କୁ ଏହା ସର୍ବଦା ଆକୃଷ୍ଟ କରିଆସିଛି। ହେଲେ ଜିଲାର ଆହୁରି ଅନେକ ପର୍ଯ୍ୟଟନ ସ୍ଥାନ ଲୁକ୍କାୟିତ ଅବସ୍ଥାରେ ରହିଛି। ନାନା ସୁବିଧା ସହ ସେସବୁକୁ ଲୋକଲୋଚନକୁ ଅଣାଯିବ। ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନିତ ଜିଲାର ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ନୂଆ ନୂଆ ଉପାୟ ମାଧ୍ୟମରେ ଅଧିକ ଆକର୍ଷଣୀୟ କରାଯିବ। ସାତକୋଶିଆରେ ସଫାରି ବ୍ୟବସ୍ଥା ହେବ। ହୋମ୍ ଷ୍ଟେ ଓ ଆଗ୍ରୋ ଇକୋ ଟୁରିଜମ୍ ଲାଗୁ ହେବ। ଚଳିତବର୍ଷ ଶେଷ ସୁଦ୍ଧା ଏସବୁ କାର୍ଯ୍ୟ ଶେଷ କରାଯାଇ ଆସନ୍ତା ପର୍ଯ୍ୟଟନ ଋତୁକୁ ଅଧିକ ଆକର୍ଷଣୀୟ କରିବାକୁ ଯୋଜନା କରିଛି ଅନୁଗୋଳ ଜିଲା ପ୍ରଶାସନ। କେତେକର ମାଷ୍ଟର ପ୍ଲାନ ଶେଷ ହୋଇଥିବା ବେଳେ ଆଉ କିଛି ଏବେ ପ୍ରସ୍ତୁତି ପର୍ଯ୍ୟାୟରେ ଥିବା ସୂଚନା ମିଳିଛି।

ଅନୁଗୋଳ ଆସୁଥିବା ପର୍ଯ୍ୟଟକ ସାତକୋଶିଆର ଅଳ୍ପ କିଛି ସ୍ଥାନ ସହ ଟିକରପଡ଼ା ବୁଲି ଫେରିଯାଆନ୍ତି। ସେମାନେ ଏହାର ସମ୍ପୂର୍ଣ୍ଣ ସୌନ୍ଦର୍ଯ୍ୟ ଉପଭୋଗ କରିପାରି ନ ଥାନ୍ତି। ତେଣୁ ଅଭୟାରଣ୍ୟକୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ସଫାରି ବୁଲିବା ବ୍ୟବସ୍ଥା ହେବ। ଏଥିପାଇଁ ବନ କର୍ମଚାରୀଙ୍କୁ ନିୟୋଜିତ କରାଯିବ। ଏ ନେଇ ସର୍ଭେ କରିବାକୁ ଛତିଶଗଡ଼ରୁ ଏକ ଟିମ୍ ଖୁବଶୀଘ୍ର ଅନୁଗୋଳ ଆସିବ। ସେହିପରି ଅନୁଗୋଳ, ତାଳଚେର, ପାଲଲହଡ଼ା ଓ ଆଠମଲ୍ଲିକ ଉପଖଣ୍ଡର ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ନେଇ ପର୍ଯ୍ୟଟନ ସର୍କିଟ୍ ପ୍ରସ୍ତୁତ କରାଯିବ। ଏଠାରେ ଆଗନ୍ତୁକମାନଙ୍କ ରହଣି, ଭ୍ରମଣ, ଖାଦ୍ୟପେୟର ସୁ ବନ୍ଦୋବସ୍ତ ହେବ। ରାଜ୍ୟ ସରକାରଙ୍କ ଇକୋ ରିଟ୍ରିଟ୍‌ରେ ସାତକୋଶିଆ ସ୍ଥାନ ପାଇଛି। ଏଥିସହ ଜିଲାକୁ ଆସୁଥିବା ପର୍ଯ୍ୟଟକଙ୍କ ରହିବା ପାଇଁ ହୋମ୍‌ଷ୍ଟେ ବ୍ୟବସ୍ଥା କରାଯାଉଛି। ଏହାଦ୍ୱାରା ପର୍ଯ୍ୟଟନସ୍ଥଳୀ ନିକଟରେ ପୂର୍ବରୁ ବୁକିଂ କରାଯାଇଥିବା ସ୍ଥାନୀୟ ଲୋକଙ୍କ ଘରେ ପର୍ଯ୍ୟଟକମାନେ ସିଧାସଳଖ ପହଞ୍ଚିବେ। ସମସ୍ତ ସୁବିଧା ଥିଲେ ସେଠାରେ ରହିପାରିବେ। ଆବଶ୍ୟକସ୍ଥଳେ ରୋଷେଇ କରିପାରିବେ ନଚେତ ଟଙ୍କା ଦେଇ ଘର ଲୋକଙ୍କଠାରୁ ଖାଦ୍ୟ ଗ୍ରହଣ କରିପାରିବେ। ସେହିପରି ମୁଖ୍ୟମନ୍ତ୍ରୀଙ୍କ କୃଷି ଉଦ୍ୟୋଗ ଯୋଜନାରେ ଆଗ୍ରୋ ଇକୋ ଟୁରିଜିମ୍ ବ୍ୟବସ୍ଥା ଜିଲାରେ ଲାଗୁ ହେବ। ଯେଉଁମାନଙ୍କ ଫାର୍ମ ହାଉସରେ ପର୍ଯ୍ୟଟକଙ୍କ ପାଇଁ ପର୍ଯ୍ୟାପ୍ତ ସୁବିଧା ଥିବ, ତାହାକୁ ଅନୁମତି ମିଳିବ। ଅନୁଗୋଳରୁ ୨ ଜଣ ଫାର୍ମ ମାଲିକ ଏହି ଆଗ୍ରୋ ଇକୋ ଟୁରିଜିମ୍ ପାଇଁ ଆବେଦନ କରିସାରିଲେଣି। ସେହିପରି ଦେଉଳଝରୀ ଓ ଟିକରପଡ଼ାର ଉନ୍ନତି ପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ପାଲଲହଡ଼ାର ଖୁଲୁଡ଼ି ଗିରୀଶ୍ୱର ମହାଦେବ ମନ୍ଦିରର, ଅଙ୍ଗାରବନ୍ଧ ମହିମା ଗାଦି, ଅନୁଗୋଳର ନାରଣ ସାଗର, ଡେରେଜାଙ୍ଗ ଡ୍ୟାମ୍ ଓ ରେଙ୍ଗାଳିରେ ପର୍ଯ୍ୟଟନର ବିକାଶ କରାଯିବ। କୁକୁଡ଼ାଙ୍ଗରେ ଚେକ୍ ଡ୍ୟାମ୍ ସହ ୱାଚ୍ ଟାୱାର ଓ ଅତ୍ୟାଧୁନିକ ପାର୍କ କରାଯିବ। ନିର୍ମାଣାଧୀନ ବ୍ଲାକ ଡାଇମଣ୍ଡ, କୋଲ ମ୍ୟୁଜିୟମ୍ ଆଦି ମଧ୍ୟ ପର୍ଯ୍ୟଟକଙ୍କୁ ଆକଷ୍ଟ କରିବ।

### କରୋନା ପାଇଁ କାର୍ଯ୍ୟ ଆଗେଇ ପାରୁନି



ଜିଲାରେ ପର୍ଯ୍ୟଟନର ବିକାଶ ପାଇଁ ବିଭିନ୍ନ ବ୍ୟବସ୍ଥା କରାଯାଉଛି। କିନ୍ତୁ କରୋନା କାରଣରୁ ପର୍ଯ୍ୟଟନ ଶିଳ୍ପ ବନ୍ଦ ଥିବାରୁ ଉନ୍ନତି କରିବାରେ ସମସ୍ୟା ହେଉଛି। କେତେକ ସ୍ଥାନରେ ଜଙ୍ଗଲ ନିୟମ ଅନୁପାଳନ କରି ଉନ୍ନୟନ କରାଯାଉଛି। ରାଜ୍ୟ ପର୍ଯ୍ୟଟନ ବିଭାଗ ସହ ଜିଲା ଖଣିଜ ପାଣ୍ଠିରୁ ମଧ୍ୟ ଯୋଜନା କରାଯାଉଛି।

**– ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲାପାଳ, ଅନୁଗୋଳ**

### ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ସରିଛି



ଜିଲାରେ ଥିବା ବିଭିନ୍ନ ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ଶେଷ ହୋଇଛି। ସାତକୋଶିଆରେ ପର୍ଯ୍ୟଟକଙ୍କ ପାଇଁ ୪ଟି ସଫାରି ବ୍ୟବସ୍ଥା କରାଯିବ। ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦେବାକୁ ରାଜ୍ୟ ସରକାର ଏକ ମାନଦଣ୍ଡ ରଖିଛନ୍ତି। ତଦନୁଯାୟୀ କୌଣସି ସ୍ଥାନକୁ ମାନ୍ୟତା ଦେବାକୁ ସରକାରଙ୍କୁ ସୁପାରିସ କରାଯାଉଛି।

**– ଜଗଦୀଶ ରାୟ, ଜିଲା ପର୍ଯ୍ୟଟନ ଅଧିକାରୀ, ଅନୁଗୋଳ**

### ଆନୁଷଙ୍ଗିକ ବ୍ୟବସ୍ଥା ହେଉ



ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଅନୁଗୋଳରେ ପର୍ଯ୍ୟଟକଙ୍କ ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା ନାହିଁ। ସାତକୋଶିଆରେ ରହିବା ତ ଦୂରର କଥା, ଖାଇବାକୁ ମଧ୍ୟ ଠିକ୍‌ଭାବେ ମିଳୁନାହିଁ। ଏଥିସହ ଜିଲାର ଅନ୍ୟ ପର୍ଯ୍ୟଟନସ୍ଥାନଗୁଡ଼ିକ ଲୋକଲୋଚନକୁ ଆସିପାରୁ ନ ଥିବାରୁ ତାହାର ବିକାଶ ସହ ପ୍ରଚାର ପ୍ରସାର କରିବାର ସମୟ ଆସିଛି।

**–ଅଶୋକ ଶତପଥୀ, ବୁଦ୍ଧିଜୀବୀ**

### ପର୍ଯ୍ୟଟକମାନେ ହଇରାଣ ହେଉଛନ୍ତି



ଆଠମଲ୍ଲିକ ଅଞ୍ଚଳରେ ବହୁ ପର୍ଯ୍ୟଟନସ୍ଥଳୀ ରହିଛି। ହେଲେ ସେଠାରେ ପର୍ଯ୍ୟଟକଙ୍କ ରହିବା ପାଇଁ କୌଣସି ସୁବିଧା ନାହିଁ। ଜିଲା ତଥା ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକମାନେ ରହିବା ପାଇଁ ବହୁ ହଇରାଣ ହେଉଛନ୍ତି। ତୁରନ୍ତ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ।

**–ଆଭାସ କ୍ଷେତି, ଆଠମଲ୍ଲିକ**

## ଯତ୍ନ ନ ନେଲେ ବୃଥା ହେବ ଉଦ୍ୟମ

ଅନୁଗୋଳ ଜିଲାର ୧୩ଟି ପର୍ଯ୍ୟଟନସ୍ଥଳୀ ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇଛି। ଆଗାମୀ ଦିନରେ ଜିଲାର ଆଉ କେତୋଟି ସ୍ଥାନକୁ ଏଥିରେ ଯୋଡ଼ିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଛି। କିନ୍ତୁ ଅନେକ ପର୍ଯ୍ୟଟନସ୍ଥଳୀର ଆବଶ୍ୟକ ଯତ୍ନ ନିଆଯାଉ ନ ଥିବା ଅଭିଯୋଗ ହେଉଛି। ଡେରେଜାଙ୍ଗ ଡ୍ୟାମ୍ ପାର୍କର ରକ୍ଷଣାବେକ୍ଷଣା କରାଯାଉ ନାହିଁ। ବିନିକେଇର ଉନ୍ନତି ସାଧନ ହେଉନାହିଁ। ଦେଉଳଝରୀ ବିଶ୍ରାମାଗାର ପୁନରୁଦ୍ଧାର ହୋଇପାରୁ ନାହିଁ। ସାତକୋଶିଆରେ ଥିବା ୱାଚ ଟାୱାର ଗୁଡ଼ିକ ମଧ୍ୟରୁ ଅନେକ ଭଙ୍ଗା ଦଦରା ଅବସ୍ଥାରେ ରହିଛି। ଟୁଲୁକା ନିକଟରେ ଭୀମଧାର ଜଳପ୍ରପାତ ରହିଥିଲେ ମଧ୍ୟ ସେ ସମ୍ପର୍କରେ ପର୍ଯ୍ୟଟକମାନେ ଏଯାଏ ଜାଣିନାହାନ୍ତି। କନ୍ଧଅଇଡ଼ା ଓ କଦଳୀଖୋଲର ପ୍ରାକୃତିକ ସୌନ୍ଦର୍ଯ୍ୟ ସେମାନେ ଉପଭୋଗ କରିନାହାନ୍ତି। ତାଳଚେର-ଦଦରାଘାଟି ରାସ୍ତା ପାର୍ଶ୍ୱରେ ଥିବା ଶିବ ମନ୍ଦିର, ବୁଲାଝର ଜଳପ୍ରପାତ ସମ୍ପର୍କରେ ପ୍ରଚାର ପ୍ରସାର ହେଉନାହିଁ। ସମଲ ବ୍ୟାରେଜ ନିକଟ କହ୍ନେଇଜେନା ପର୍ଯ୍ୟଟନସ୍ଥଳୀର ଉନ୍ନତି କରାଯାଉ ନାହିଁ। ତେଣୁ ଏସବୁ ପର୍ଯ୍ୟଟନସ୍ଥଳୀର ଯତ୍ନ ବିନା ଜିଲାକୁ ପର୍ଯ୍ୟଟନର ହବ୍ କରିବାକୁ ପ୍ରଶାସନର ଉଦ୍ୟମ ବୃଥା ଯିବ ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି।

## ୩ ଦଫା ଦାବିରେ ଧାରଣା

**ଅନୁଗୋଳ ଅଫିସ, ୨୬।୯**

ଅନୁଗୋଳ ରେଳ ଷ୍ଟେଶନରେ ରବିବାର ଏକ ଶାନ୍ତିପୂର୍ଣ୍ଣ ଧାରଣା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ସମସ୍ତ ରୁଟ୍‌ରେ ଦେଢ଼ ବର୍ଷ ଧରି ଲୋକାଲ ଟ୍ରେନ୍ ଚାଳାଚଳ ବନ୍ଦ ରହିଛି। ଫଳରେ ଦିନମଜୁରିଆ, ବେସରକାରୀ କର୍ମଚାରୀ, କଲେଜ ଛାତ୍ରୀଛାତ୍ର ଓ ରେଳ କର୍ମଚାରୀମାନେ ଯାତାୟାତରେ ସମସ୍ୟା ଭୋଗୁଛନ୍ତି। ଗତ ମାର୍ଚ୍ଚ ୨୦୨୦ରୁ କରୋନା ଯୋଗୁ କେନ୍ଦ୍ର ସରକାର ଦେଶରେ ତାଲା ବନ୍ଦ କରିବା ସହ ଟ୍ରେନଗୁଡିକ ଚଳାଚଳ ବନ୍ଦ କରିଥିଲେ। ତେବେ ଏପ୍ରିଲ ୭, ୨୦୨୧ରେ ଓଡ଼ିଶାର ସମସ୍ତ ସେକ୍ସନରେ ଲୋକାଲ ଟ୍ରେନ୍ ପାଇଁ ମେଲ/ଏକ୍ସପ୍ରେସ ଭଡା ଦେଇ ଅନୁମତି ମିଳିଲା। ପୁଣି କରୋନା ପ୍ରଭାବକୁ ଦେଖି ମେ ୭, ୨୦୨୧ରୁ ଟ୍ରେନ ଚଳାଚଳ ବନ୍ଦ ହେଇଗଲା। କିନ୍ତୁ ଲକଡାଉନ୍ ଖୋଲିବା ସତ୍ତ୍ୱେ ଟ୍ରେନ୍ ଚଳାଚଳ ସ୍ୱାଭାବିକ ହୋଇପାରୁ ନାହିଁ। ଏକ୍ସପ୍ରେସ୍ ଭଡ଼ା ସାଙ୍ଗକୁ ମାସିକ, ତ୍ରୈମାସିକ ଟିକେଟ୍ ସୁବିଧା ମିଳୁନାହିଁ। ଏହିସବୁ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଉଦ୍ଦେଶ୍ୟରେ ଅନୁଗୋଳ ରେଳ ଷ୍ଟେଶନ ମାଷ୍ଟରଙ୍କୁ ଏକ ୩ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ପୂର୍ବଭଳି ସମସ୍ତ ଲୋକାଲ ଟ୍ରେନ ଚାଲୁ କରିବା ସହ ଲୋକାଲ ଟ୍ରେନ ଏକ୍ସପ୍ରେସ ଭଡ଼ା ପରିବର୍ତ୍ତେ ସାଧାରଣ ଟିକେଟ ପାଇଁ ଅନୁମତି ପ୍ରଦାନ ଓ ମାସିକିଆ, ତ୍ରୈମାସିକ, ବାର୍ଷିକ ଟିକେଟ ପାଇଁ ଅନୁମତି ଦାବିରେ ଅନୁଗୋଳର ସାମାଜିକ କର୍ମୀ ପ୍ରଶୁରାମ ଦାଶ, ବିଦ୍ୟାଧର ନାୟକ, ଦିବ୍ୟଜ୍ୟୋତି ନାୟକ, ସୂର୍ଯ୍ୟନାରାୟଣ ନାଥ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

## ୧୩ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୨୬।୯**

ଅନୁଗୋଳ ଜିଲାରୁ ରବିବାର ୧୩ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୪୪ ହଜାର ୩୨୬ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ବଣ୍ଟଁରପାଳ ବ୍ଲକରୁ ୪ ଜଣ, ଅନୁଗୋଳ ବ୍ଲକରୁ ୩, ତାଳଚେର ବ୍ଲକରୁ ୩, ଅନୁଗୋଳ ପୌରାଞ୍ଚଳରୁ ୨ ଓ ଛେଣ୍ଡିପଦା ବ୍ଲକରୁ ଜଣେ ରହିଛନ୍ତି। ସେହିପରି ଦିନକରେ ଜିଲାରୁ ୬ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି।

## ପ୍ରମୋଦ ଭଗତଙ୍କୁ ସମ୍ବର୍ଦ୍ଧନା



ସ୍ୱର୍ଣ୍ଣପଦକ ବିଜେତା ପ୍ରମୋଦ ଭଗତଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ବଣ୍ଟଁରପାଳ,୨୬।୯(ଡି.ଏନ୍.ଏ)**

ନାଲ୍‌କୋ ଦି କ୍ଲବ ଆନୁକୂଲ୍ୟରେ ରବିବାର ପାରା ଅଲିମ୍ପିକ୍ସ ସ୍ୱର୍ଣ୍ଣପଦକ ବିଜେତା ପ୍ରମୋଦ ଭଗତଙ୍କୁ ରବିବାର ନାଲ୍‌କୋ ନଗର ପ୍ରେକ୍ଷାଳୟଠାରେ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଥମେ ନାଲକୋ ନଗରରେ ଏକ ରୋଡ ଶୋ' ଆୟୋଜନ ହୋଇଥିଲା। ସମାରୋହରେ ଅତିଥି ଭାବେ ନାଲ୍‌କୋ ଇଡିଏ.ପି. ପଣ୍ଡା, ମାନବ ସମ୍ବଳ ମହାପ୍ରବନ୍ଧକ ସତ୍ୟାନନ୍ଦ ସାହୁ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରମୋଦଙ୍କ ଗୁରୁ ଶିବପ୍ରସାଦ ଦାସ ଓ ପ୍ରମୋଦଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କ୍ଲବ ସାଧାରଣ ସମ୍ପାଦକ ମଣି ପଟ୍ଟନାୟକ ସଭା ପରିଚାଳନା କରିଥିଲେ।

## ଶିକାରୀ ଗିରଫ, ୪ ଫେରାର

**କଣିହାଁ,୨୬।୯(ଡି.ଏନ୍.ଏ)**

କଣିହାଁ ବନବିଭାଗ ପକ୍ଷରୁ ଜନ୍ତୁ ଶିକାର ଅଭିଯୋଗରେ ରବିବାର ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲଣ କରାଯାଇଛି। ବନାଞ୍ଚଳ ଅଧିକାରୀ ନୀଳମଣି ଦେହୁରୀ କହିଛନ୍ତି, ଶନିବାର ରାତିରେ ହନୁମାନପୁର ଓ ରେଙ୍ଗାଳି ଫରେଷ୍ଟ ସେକ୍ସନରେ ପାଟ୍ରୋଲିଂ ବେଳେ ଟାଙ୍ଗିରି ସଂରକ୍ଷିତ ଜଙ୍ଗଲ ରୋଡ୍ ସାଇଡରେ ଯାଇଥିବା ୧୧ କେ.ଭି ବିଦ୍ୟୁତ୍ ଲାଇନରେ ହୁକ ପକାଯାଇଥିଲା। ବନବିଭାଗ କର୍ମଚାରୀ ଚଢାଉବେଳେ ବାଲିପଶି ପଞ୍ଚାୟତ ବଳରାମପୁର ଗ୍ରାମର ଯୁବକ ଶୁକୁଦେବ ମୁଣ୍ଡା ଧରା ପଡିଥିଲେ। ଘଟଣାସ୍ଥଳରରୁ ୪ଜଣ ଫେରାର ହୋଇଯାଇଛନ୍ତି। ଘଟଣାସ୍ଥଳରୁ ହୁକ ପକାଇ ଜଙ୍ଗଲରେ ଟଣାଯାଇଥିବା ୩ କେ.ଜି ଜିଆଇ ତାର, ବ୍ୟବହୃତ ବାଉଁଶ ଖୁଣ୍ଟି, କାଚ ବୋତଲ ଓ ଏକ ଟାଙ୍ଗିଆ ଜବତ ହୋଇଛି। ଅଭିଯୁକ୍ତ ଶୁକୁଦେବଙ୍କୁ କୋର୍ଟଚାଲଣ କରାଯାଇଛି।

## ଛେଣ୍ଡିପଦା ବ୍ଲକକୁ ମରୁଡ଼ି ଘୋଷଣା ଦାବି

**ଛେଣ୍ଡିପଦା,୨୬।୯(ସ୍ୱ.ପ୍ର.)**


କାର୍ଯ୍ୟକ୍ରମରେ ଯୋଗ ଦେଇଥିବା କର୍ମକର୍ତ୍ତା ଓ ଅନ୍ୟମାନେ।

ଛେଣ୍ଡିପଦା ବ୍ଲକ ବାହାଲସାହି ପଞ୍ଚାୟତ ଯାତ୍ରାପଡିଆ ଠାରେ ଛେଣ୍ଡିପଦା ବ୍ଲକକୁ ମରୁଡି ଘୋଷଣା ଦାବିରେ କୃଷକ ଆନ୍ଦୋଳନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପରିଷଦର ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ କୁମାର ନାଏକଙ୍କ ନେତୃତ୍ୱରେ ଆୟୋଜିତ କୃଷକ ଆନ୍ଦୋଳନରେ ବାହାଲସାହି ପଞ୍ଚାୟତର ଗୋଳାଗାଡିଆ, ଗୋହିରାପଶି, ଡାଇଭର, ଲଙ୍ଗୁଳିଜଙ୍ଗଲ, ଛୋଟତେନ୍ତୁଳି ଗ୍ରାମର ବହୁ ମହିଳା ଓ ପୁରୁଷ ଯୋଗ ଦେଇଥିଲେ। ପଞ୍ଚାୟତରେ ଜଳସେଚନ ସୁବିଧା କରିବା, ବୃଦ୍ଧାବୃଦ୍ଧଙ୍କୁ ତୁରନ୍ତ ଭତ୍ତା ଯୋଗାଇବା, ଛେଣ୍ଡିପଦା ବ୍ଲକକୁ ମରୁଡି ଘୋଷଣା କରିବା ପାଇଁ ଦାବି କରାଯାଇଥିଲା। ଧୀରେନ୍ଦ୍ର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁଶାନ୍ତ ସିଂ ସାମନ୍ତ, ଶରତ ନାଏକ, ଗୋବିନ୍ଦ ନାଏକ, ମିଲୁ ସାହୁ, ତପନ ଧର, ଟୁକୁନା ବେହେରାଙ୍କ ସମେତ ୩୦୦ରୁ ଉର୍ଦ୍ଧ୍ୱ ମହିଳାପୁରୁଷ ଯୋଗ ଦେଇଥିଲେ। ଜ୍ଞାନରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସାମାଜିକ ଉନ୍ନତି ଉପରେ ଗୁରୁତ୍ୱାରୋପ



ଏସ୍‌ସିଏସ୍‌ଟି କର୍ମଚାରୀ ସଂଘ କର୍ମକର୍ତ୍ତାମାନେ।

**ବଣ୍ଟଁରପାଳ,୨୬।୯(ଡି.ଏନ.ଏ.)**

ନାଲ୍‌କୋ ଏସ୍‌ସିଏସ୍‌ଟି କର୍ମଚାରୀ ସଂଘ ପକ୍ଷରୁ ଭର୍ଚୁଆଲ ମାଧ୍ୟମରେ ପୁନାଚୁକ୍ତି ଦିବସ ପାଳିତ ହୋଇଛି। ସଂଘ ସଭାପତି କେଦାର ନାଥ ଦେହୁରୀ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜିଜିଏମ୍ ନିଲ କୁମାର ମଣ୍ଡଳ ଯୋଗଦେଇ ପୁନାଚୁକ୍ତି, ସଂରକ୍ଷଣ ବିଷୟ, ଶିକ୍ଷା, ଅର୍ଥନୈତିକ ଓ ସାମାଜିକ ଅବସ୍ଥାରେ ଉନ୍ନତି ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ମାନବ ସମ୍ବଳ ମହାପ୍ରବନ୍ଧକ ସତ୍ୟାନନ୍ଦ ସାହୁ, ବକ୍ତାଭାବେ ସାମାଜିକ କର୍ମୀ ଅଭିରାମ ମଲ୍ଲିକ ଯୋଗଦେଇଥିଲେ। ଉପସଭାପତି ଛବୀନ୍ଦ୍ର ଭୋଇ, ଭାସ୍କର ନାୟକ, ଦେବେନ୍ଦ୍ର ଓରାମ, ଗୋପୀନାଥ ହେସା, ରାଜକୁମାର ବେହେରା, ବସନ୍ତ ନାୟକ, ରାଜେନ୍ଦ୍ର ନାୟକ, ରବୀନ୍ଦ୍ର ନାୟକ, ଧନେଶ୍ୱର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ସାଙ୍ଗଠନିକ ସମ୍ପାଦକ ଅକ୍ଷୟ କୁମାର ବଦରା ଧନ୍ୟବାଦ ଦେଇଥିଲେ।

## ଡ୍ରାଇଭରଙ୍କ ପରିବାରକୁ ମିଳୁ ସ୍ୱାସ୍ଥ୍ୟବୀମା

**ଛେଣ୍ଡିପଦା,୨୬।୯(ସ୍ୱ.ପ୍ର.)**



ଓଡ଼ିଶା ମୋଟର ଚାଳକ ସଂଘ ସାଙ୍ଗଠନିକ ବୈଠକରେ ଉପସ୍ଥିତ ଗାଡ଼ି ଚାଳକମାନେ।

ଛେଣ୍ଡିପଦା ବ୍ଲକ ଭାଗୀରଥିପୁର ଛକ ଓଡ଼ିଶା ମୋଟର ଚାଳକ ସଂଘ ଜରପଡା ଆଞ୍ଚଳିକ ଶାଖା ପକ୍ଷରୁ ରବିବାର ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଛି। ଜରପଡା ଶାଖା ସଭାପତି କୁନାଲ ନାଏକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରା ଯୋଗଦେଇ ଡ୍ରାଇଭରମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ରାଜ୍ୟ ସଭାପତି ମୁକ୍ତିକାନ୍ତ ଶତପଥୀ ଯୋଗଦେଇ ରାଜ୍ୟସ୍ତରରେ ଚାଳକ ସଂଘ ଗଠନ କରାଯିବା ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟତଃ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ଏପରିକି ବିଭିନ୍ନ କ୍ଷେତ୍ରରେ ନିୟୋଜିତ ତଥା କାର୍ଯ୍ୟରତ ଡ୍ରାଇଭରମାନଙ୍କ ସକାଶେ ସରକାରଙ୍କ ପକ୍ଷରୁ ସାମାଜିକ ସୁରକ୍ଷା ଆଇନ, ସ୍ୱାସ୍ଥ୍ୟବୀମା ପ୍ରଦାନ ଆଦି ଦାବି କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ରାଜ୍ୟ ସାଧାରଣ ସମ୍ପାଦକ ପ୍ରଭାକର ମଲ୍ଲିକ, ଯାଜପୁର ଜିଲା ସମ୍ପାଦକ ଅଶୋକ କୁମାର ସାହୁ, କେନ୍ଦ୍ରାପଡା ଜିଲା ସମ୍ପାଦକ ଅନନ୍ତ ଚରଣ ବିଶ୍ୱାସ ଯୋଗ ଦେଇଥିଲେ। ସଭାପତି ଭାବେ କୁନାଲ ନାଏକ, ଉପ ସଭାପତି ସଞ୍ଜୟ କୁମାର ପ୍ରଧାନ, ସମ୍ପାଦକ ପ୍ରଦ୍ୟୁମ୍ନ ଗଡ଼ନାୟକଙ୍କୁ ମନୋନିତ କରାଯାଇଥିଲା। ବୈଠକରେ ଜରପଡା ଅଞ୍ଚଳର ଶତାଧିକ ମୋଟର ଚାଳକ ଯୋଗ ଦେଇଥିଲେ।

## ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ

**ଅନୁଗୋଳ ଅଫିସ, ୨୬।୯**

ଅନୁଗୋଳ ଥାନା କୁକୁଡ଼ାଙ୍ଗ ବରସାହିରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏ ନେଇ ଥାନାରେ ନଂ. ୪୮୪/୨୧ରେ ମାମଲା ହୋଇଥିବା ଅନୁଗୋଳ ଥାନା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ପୋଲିସ କହିଛି, ଏକ କମ୍ପାନୀ ପକ୍ଷରୁ ବରସାହିରେ ବୈଠକ ଘର ନିର୍ମାଣ ପାଇଁ ୫ ଲକ୍ଷ ୯୦ ହଜାର ଟଙ୍କା ଦିଆଯାଇଥିଲା। ଉକ୍ତ ଅଞ୍ଚଳର ଦରଦ ପ୍ରଧାନ ଓ ତାଙ୍କ ପୁଅ ଦାସ ପ୍ରଧାନ ଏହାର ଠିକା ନେଇଥିଲେ। କିନ୍ତୁ ଗ୍ରାମର କେତେଜଣ ଲୋକ ନିମ୍ନମାନର କାର୍ଯ୍ୟ ହେଉଥିବା ବାରମ୍ବାର କହିବା ପରେ ଦୁଇ ଗୋଷ୍ଠୀ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଥିଲା। ଦରଦ ପ୍ରଧାନ ଥାନାରେ ରଡ୍ ଚୋରି ନେଇ ଅଭିଯୋଗ କରିଥିଲେ। ତେବେ ଅପରଗୋଷ୍ଠୀର ଯୁବକମାନେ ଦରଦ ଓ ତାଙ୍କ ପୁଅ ନିଜ ଦୋଷ ଲୁଚାଇବାକୁ ଯାଇ ମିଛ ମାମଲା କରିଥିବା ପାଲଟା ଅଭିଯୋଗରେ ଦର୍ଶାଇଛନ୍ତି।

